# ଜିଲ୍ଲା ସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ।

ଅନୁଗୋଳ,ତା.୦୨.୦୭:-କ୍ରୀଡା କ୍ଷେତ୍ରରେ ପ୍ରତିଭା ଚୟନ ନିମନ୍ତେ ଆଜି ଅନୁଗୋଳ ଷ୍ଟାଡିୟମ ଠାରେ ଜିଲ୍ଲା ସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନୁଗୋଳ ଜିଲ୍ଲାର ବିଭିନ୍ନ ବ୍ଲକରୁ ୪୪ ଜଣ ଏବଂ ବୌଦ୍ଧ ଜିଲ୍ଲାରୁ ୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏହି କ୍ରୀଡା ପ୍ରତିଭା ଅନ୍ୱେଷଣକୁ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ଶ୍ରୀ ପ୍ରଶାନ୍ତ କୁମାର ସିହ୍ନା ,ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସିଠ, କ୍ରୀଡା ଶିକ୍ଷକ ଶ୍ରୀ ଦୁଷ୍ମନ୍ତ କୁମାର ସାହୁ, ଶ୍ରୀ ମାନସ କୁମାର ସାହୁ, ଶ୍ରୀ ବିନୋଦ ଚନ୍ଦ୍ର ଦେହୁରୀ, ଶ୍ରୀ ଅମିୟ କୁମାର ସାହୁ, ଶ୍ରୀ ଆଶିସ କୁମାର ବେହେରା, ଏଲିଜାବେଥ ସାହୁ ଓ ନିବେଦିତା ସାମଲ ପରିଚାଳନା କରିଥିଲେ । ପ୍ରକାଶଥାଉକି, ଚଳିତ ମାସ ୪ ତାରିଖ ଦିନ କବାଡି, ୬ ତାରିଖ ଦିନ ଭଲିବଲ, ୫ ତାରିଖ ଦିନ ଖୋ-ଖୋ ଓ ୯ ତାରିଖ ଦିନ ସନ୍ତରଣ କ୍ରୀଡା ପାଇଁ ଚୟନ କରାଯିବ । ଏଥିରୁ ଯେଉଁମାନେ ଶ୍ରେଷ୍ଠ କ୍ରୀଡା ପ୍ରଦର୍ଶନ କରିବେ ସେମାନେ ରାଜ୍ୟ ସ୍ତରୀୟ କ୍ରୀଡା ଚୟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ସୂଚନା ପ୍ରଦାନ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୩୬୯ ତା.୦୨.୦୭.୨୦୨୨

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଦ୍ରୁଷ୍ମନ୍ତି ୦୨/୩/୨୦୨୨

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,

ଅନୁଗୋଳ ।


ODISHA
INDIA'S BEST KEPT SECRET